# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 26 February - 2026

********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ସମେତ ୧୦ଟି ରାଜ୍ୟର ୩୭ଟି ରାଜ୍ୟସଭା ଆସନ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି
- ନୂଆଦିଲ୍ଲୀରେ ଓଡ଼ିଶା ଭବନର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ
- କ୍ଷେତ୍ର ପରିଦର୍ଶନ ପାଇଁ ଆଜିଠାରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି ମହାନଦୀ ଜଳବିବାଦ ପ୍ରାଧିକରଣ ସଦସ୍ୟ

ଏବଂ

- କିମ୍ବଦନ୍ତୀ ଘୋଡ଼ାନାଚ କଳାକାର ଡକ୍ଟର ଉତ୍ସବ ଚରଣ ଦାସଙ୍କ ପରଲୋକ; ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକପ୍ରକାଶ

Desk

## ରାଜ୍ୟସଭା ନିର୍ବାଚନ ବିଜ୍ଞପ୍ତି

ରାଜ୍ୟସଭା ନିର୍ବାଚନ ପାଇଁ ଆଜି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ମାସ ୫ ତାରିଖରେ ନାମାଙ୍କନ ଦାଖଲ, ୬ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ନେଇ ସ୍ଥିର କରାଯାଇଛି। ମାର୍ଚ୍ଚ ୯ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିନ ଧାର୍ଯ୍ୟ କରାଯାଇଛି। ଆସନ୍ତା ୧୬ ତାରିଖରେ ଓଡ଼ିଶା ସମେତ ୧୦ଟି ରାଜ୍ୟରେ ଖାଲି ପଡ଼ିଥିବା ୩୭ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ କହିଛନ୍ତି...

**- V/O -**

ଓଡ଼ିଶାର ବିଜେପି ସାଂସଦ ସୁଜିତ କୁମାର, ମମତା ମହନ୍ତ ଏବଂ ବିଜେଡି ସାଂସଦ ନିରଞ୍ଜନ ବିଶି ଓ ମୁନ୍ନା ଖାନ୍‌ଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ମାସରେ ଶେଷ ହେଉଛି।

Desk

## ମୁଖ୍ୟମନ୍ତ୍ରୀ– ଓଡ଼ିଶା ଭବନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ ଓଡ଼ିଶା ଭବନର ଶିଳାନ୍ୟାସ କରିଛନ୍ତି। ଚାଣକ୍ୟପୁରୀ, କୌଟିଲ୍ୟ ମାର୍ଗରେ ୭ ମହଲା ବିଶିଷ୍ଟ ନୂଆ ଓଡ଼ିଶା ଭବନ ନିର୍ମାଣ କରାଯିବ। ୪୫ କୋଠରୀ ବିଶିଷ୍ଟ ଓଡ଼ିଶା ଭବନରେ ଆଧୁନିକ ସମ୍ମିଳନୀ କକ୍ଷ ରହିବ। ଏହି ଭବନ ଓଡ଼ିଶାର

ସାଂସ୍କୃତିକ ଓ ପ୍ରଶାସନିକ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରତରେ ଓଡ଼ିଶା ଭବନ ନିର୍ମାଣ କରାଯିବ। ମୁମ୍ବାଇରେ ମଧ୍ୟ ଆଉ ଗୋଟେ ଓଡ଼ିଶା ଭବନ ନିର୍ମାଣ ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ପୂର୍ବରୁ କୋଲକାତା, ଚେନ୍ନାଇ ଓ ମୁମ୍ବାଇରେ ଓଡ଼ିଶା ଭବନ ରହିଛି।

Desk

## ମହାନଦୀ ଜଳବିବାଦ ସଦସ୍ୟ

ମହାନଦୀ ଜଳବିବାଦ ପ୍ରାଧିକରଣର ସଦସ୍ୟ ମହାନଦୀ କ୍ଷେତ୍ର ପରିଦର୍ଶନପାଇଁ ଆଜିଠାରୁ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରାଧିକରଣର ଅଧ୍ୟକ୍ଷ ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀଙ୍କ ସହ ଅନ୍ୟ ୨ ଜଣ ସଦସ୍ୟ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଏହି ପ୍ରତିନିଧି ଦଳ ହୀରାକୁଦ ଜଳଭଣ୍ଡାର, ବୁର୍ଲା ପାୱାର୍ ହାଉସ୍, ଚିଲିକା, ସାତପଡ଼ା ଆଦି ସ୍ଥାନ ଗସ୍ତ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

Desk

## ଜନଆଶ୍ରୟ ଭବନ

ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ୍‌ଠାରେ ଜନଆଶ୍ରୟ ଭବନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ୫ ଏକର ଜାଗାରେ ଏହି ଭବନର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ। ୩୦ଟି ଜିଲ୍ଲାରୁ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଭୁବନେଶ୍ୱର ଆସୁଥିବା

ଲୋକମାନେ ସ୍ୱଳ୍ପ ପଇସା ଦେଇ ଏହି ଭବନରେ ରହିପାରିବେ। ସେମାନଙ୍କ ସୁବିଧା ପାଇଁ ଭବନରେ ବସ୍‌ଷ୍ଟାଣ୍ଡ, ଫୁଡ୍‌କୋର୍ଟ ଓ ବିଭିନ୍ନ ସୋ' ରୁମ୍ ନିର୍ମାଣ କରାଯିବ।

I&PR

## ପିଜି ଏଣ୍ଟ୍ରାନ୍ସ

ଚଳିତ ଶିକ୍ଷା ବର୍ଷ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଉଦ୍ଦିଷ୍ଟ ଏକକ ପି.ଜି. ପ୍ରବେଶିକା ପରୀକ୍ଷା– ସି.ପି.ଇ.ଟି. ଲାଗି ଆସନ୍ତାକାଲିଠାରୁ ଛାତ୍ରଛାତ୍ରୀମାନେ ଫର୍ମ ପୂରଣ କରିପାରିବେ। ସାମ୍ସ ପୋର୍ଟାଲ ମାଧ୍ୟମରେ ଆସନ୍ତା ମାସ ୨୭ ତାରିଖ ପର୍ଯ୍ୟନ୍ତ ଆଗ୍ରହୀ ଛାତ୍ରଛାତ୍ରୀ ଏହି ଫର୍ମପୂରଣ କରିପାରିବେ। ଏପ୍ରିଲ ମାସ ୨୭ ତାରିଖରୁ ମେ' ମାସ ୧୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ନାତକୋତ୍ତର ବିଷୟ ପାଇଁ ସି.ପି.ଇ.ଟି. ପ୍ରବେଶିକ ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ଫଳ ଆଧାରରେ ଛାତ୍ରଛାତ୍ରୀମାନେ ସ୍ନାତକୋତ୍ତର ପାଠ୍ୟକ୍ରମ ଚୟନ କରିପାରିବେ। ଆସନ୍ତା ଜୁଲାଇ ମାସ ୧୦ ତାରିଖ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସ୍ନାତକୋତ୍ତର ପାଠ୍ୟକ୍ରମକୁ ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

Desk

## ଆର୍‌ବିଆଇ-ଫୁଡ୍ ସବ୍‌ସିଡ୍

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ଆଜି କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା-CBDC ଖାଦ୍ୟ ସବ୍‌ସିଡ୍ ବଣ୍ଟନ ପାଇଲଟ୍ ପ୍ରକଳ୍ପ ଶୁଭାରମ୍ଭ ହୋଇଛି । ପୁଡୁଚେରୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଉପରାଜ୍ୟପାଳ କେ.କୈଳାସନାଥନ ଏବଂ ମୁଖ୍ୟମନ୍ତ୍ରୀ ଏନ୍.ରଙ୍ଗାସ୍ୱାମୀ ପ୍ରମୁଖ ଯୋଗଦେଇ ଏହି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି ଡିଜିଟାଲ୍ ମୁଦ୍ରା ଟୋକନ୍ ବ୍ୟବସ୍ଥାରେ ଚିହ୍ନଟ ହିତାଧିକାରୀଙ୍କ ଡିଜିଟାଲ୍ ୱାଲଟ୍‌ରେ ଖାଦ୍ୟ ସବ୍‌ସିଡ୍ ବାବଦ ଅର୍ଥ ପ୍ରଦାନ କରାଯିବ। କେବଳ ଅଧିକୃତ ବ୍ୟବସାୟୀ ଏବଂ ଉଚିତ ମୂଲ୍ୟ ଦୋକାନ ଆଧାରିତ ଅଧିକାରପ୍ରାପ୍ତ ଖାଦ୍ୟଶସ୍ୟ କ୍ରୟ ପାଇଁ ଏହି ଡିଜିଟାଲ ମୁଦ୍ରା ଟୋକନକୁ ବ୍ୟବହାର କରାଯାଇ ପାରିବ ବୋଲି ଆର୍‌ବିଆଇ ପକ୍ଷରୁ କୁହାଯାଇଛି।

Desk

## ପଦ୍ମଶ୍ରୀ ଉତ୍ସବ ଚରଣ ଦାସଙ୍କ ପରଲୋକ

କିମ୍ବଦନ୍ତୀ ଘୋଡ଼ାନାଚ କଳାକାର ପଦ୍ମଶ୍ରୀ ଡକ୍ଟର ଉତ୍ସବ ଚରଣ ଦାସଙ୍କ ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଅଧିକ ଶୁଣନ୍ତୁ ଆମ ସମ୍ବାଦଦାତାଙ୍କଠାରୁ...

ଲୋକକଳାର ଅଗ୍ରଦୂତ ଏବଂ ଘୋଡ଼ାନାଚକୁ ସମଗ୍ର ଦେଶରେ ନୂତନ ପରିଚୟ ଦେଇଥିବା ସମର୍ପିତ କଳାସାଧକ  ଉତ୍ସବ ଚରଣ ଦାସଙ୍କ ପରଲୋକ କଳାଜଗତକୁ ସ୍ତବ୍ଧ କରି ଦେଇଛି। ସେ କେବଳ ଜଣେ କଳାକାର ନ ଥିଲେ ଓଡ଼ିଶାର ଏକ ଜୀବନ୍ତ ପରମ୍ପରାର ସଂରକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମ୍ୟ ପରିବେଶରୁ ଆରମ୍ଭ ହୋଇଥିବା ତାଙ୍କ ଯାତ୍ରା ଦୀର୍ଘ ପ୍ରୟାସ, ନିଷ୍ଠା ଫଳରେ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରରେ ପ୍ରଶଂସିତ ହୋଇଥିଲା। ଘୋଡ଼ାନାଚ ଓଡ଼ିଶାର ଏକ ପ୍ରାଚୀନ ଲୋକନୃତ୍ୟ ଯେଉଁଥିରେ ସାହସ, ଉତ୍ସବ, ଲୋକ ଜୀବନର ରଙ୍ଗ ଦେଖିବାକୁ ମିଳିଥାଏ। କଳା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଉତ୍ସବ ଚରଣ ଦାସଙ୍କୁ ୨୦୧୧ ମସିହାରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ମଣିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଉତ୍ସବ ଚରଣ ଦାସ ୧୯୬୫ ମସିହାରେ ସେ ଆକାଶବାଣୀ କଟକର ସ୍ୱୀକୃତିପ୍ରାପ୍ତି କଳାକାରଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଓଡ଼ିଶା ସମେତ  ସମଗ୍ର ଦେଶରେ ସେ ଘୋଡ଼ାନାଚକୁ ପରିଚିତ କରାଇଥିଲେ। ୧୯୯୭ ମସିହାରେ ତାଙ୍କୁ ସଂଗୀତ ନାଟକ ଏକାଡେମୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ତାଙ୍କ ପରଲୋକରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଶୋକପ୍ରକାଶ କରି କହିଛନ୍ତି, ଚଇତି ଘୋଡ଼ାନାଚକୁ ବିଶ୍ୱରେ ପରିଚିତ କରାଇବାରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ’ ଓଡ଼ିଶାର ପାରମ୍ପରିକ ଲୋକକଳାକୁ ସମୃଦ୍ଧ କରିବାରେ ଉତ୍ସବ ଚରଣଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

ଉତ୍ସବ ଚରଣ ଦାସ ଅନେକ ଯୁବ କଳାକାରଙ୍କୁ ଘୋଡ଼ାନାଚ ସମ୍ପର୍କରେ ପ୍ରଶିକ୍ଷିତ କରିଥିଲେ। ପାରମ୍ପରିକ ଶୈଳୀକୁ ଅକ୍ଷୁର୍ଣ୍ଣ ରଖିବାରେ ତାଙ୍କର ଉଦ୍ୟମ ପରପିଢ଼ିକୁ ପ୍ରେରଣା ଯୋଗାଇବ।

ଆକାଶବାଣୀ କଟକ ଆଞ୍ଚଳିକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Puri

## ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କ ଫଗୁ ଦଶମୀ ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ଏଥିସହ ଏକ ସପ୍ତାହ ଧରି ଦୋଳ ଉତ୍ସବ ମଧ୍ୟ ଆରମ୍ଭ ହେବ। ମଧ୍ୟାହ୍ନ ଧୂପ ନୀତି ଶେଷ ହେବା ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପାଇ ଚଳନ୍ତି ପ୍ରତିମା ଦୋଳ ଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ବିମାନରେ ବସି ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିବେ ଏବଂ ସେଠାରେ ଅବିର ଓ ଫଗୁ ଲାଗି ହେବ। ଆସନ୍ତା ସୋମବାର ଦିନ ମେଣ୍ଢାପୋଡ଼ି ଉତ୍ସବ ଅନୁଷ୍ଠିତ ହେବା ସହିତ ମଙ୍ଗଳବାର ଦିନ ଦୋଳପୂର୍ଣ୍ଣିମା ଅବସରରେ ଶ୍ରୀଜୀଉ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ

ଦେବେ । ତେବେ ଦୋଳପୂର୍ଣ୍ଣିମା ଦିନ କେତୁଗ୍ରସ୍ତ ଚନ୍ଦ୍ରଗ୍ରହଣ ପଡୁଥିବାରୁ ନୀତିକାନ୍ତି ଶୀଘ୍ର କରିବାକୁ ଛତିଶା ନିଯୋଗ ବୈଠକ ନିଷ୍ପତ୍ତି ହୋଇଛି ।

Nuapada

## କାର୍ଯ୍ୟାବଳୀ ବୈଠକ

ନୂଆପଡ଼ା ଜିଲ୍ଲା ପରିଷଦ କାର୍ଯ୍ୟାବଳୀର ସମୀକ୍ଷା ବୈଠକ ଆଜି ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗ୍ରାମୀଣ ଆବାସ ଯୋଜନା, ଅନ୍ତୋଦ୍ୟୋୟ ଗୃହ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଦ୍ଵାରା ଘୋଷଣା କରାଯାଇଥିବା ସମସ୍ତ ପ୍ରକଳ୍ପ ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

BHK

## ସଡ଼କ ସୁରକ୍ଷା ସଚେତନତା

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା ପାଇଁ ସ୍ଵତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ କାର୍ଯ୍ୟକ୍ରମରେ ଯୋଗଦେଇ ସଡ଼କ ସୁରକ୍ଷା ଆଇନକୁ କଡ଼ାକଡ଼ି ପାଳନ କରିବା, ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ ।

Boudh

## ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଦୁଇଦିନିଆ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କର୍ମଶାଳାରେ ଗୃହ ତାଲିକା, ଗୃହଗଣନା କାର୍ଯ୍ୟ ସୁରୁଖୁରୁରେ ସାରିବା ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ, ଗଣନାକାରୀଙ୍କୁ ଗୃହ ତାଲିକା ବ୍ଲକଓ୍ୱାରି ଆବଣ୍ଟନ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି ।

Rayagarh

## ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା ଜିଲ୍ଲା ପ୍ରଶାସନ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକଙ୍କ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ଆର୍ଥିକ ସାକ୍ଷରତା, ସାଇବର ଠକେଇ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ ।

Boudh

## କୋଠା ନିର୍ମାଣ କାର୍ଯ୍ୟ

ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରଠାରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ୩୦୦ ଶଯ୍ୟା ବିଶିଷ୍ଟ ମୁଖ୍ୟ ଚିକିତ୍ସାଳୟ କୋଠା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଡାକ୍ତରଖାନା ପରିସରରେ ଜବରଦଖଲ ଉଚ୍ଛେଦ, ଡ୍ରେନେଜ ବ୍ୟବସ୍ଥା ଓ ମରାମତି ଖୁବ୍‌ଶୀଘ୍ର ଶେଷ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

Rayagada

## ଆଇନ ସଚେତନତା ଶିବିର

ରାୟଗଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଶ୍ରମ ଆଇନ, ପ୍ରବାସୀ ଶ୍ରମିକ, ସଡ଼କ ସୁରକ୍ଷା, ଏମ୍.ଭି. ଆକ୍ଟ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି ।

Ganjam

## ଆତ୍ମରକ୍ଷା ପ୍ରଶିକ୍ଷଣ

ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଙ୍କୁ ନେଇ ଏକ ଆତ୍ମରକ୍ଷା ତାଲିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଆସନ୍ତା ମାସ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଛାତ୍ରୀଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯିବ ।

DHNKL

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକରେ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସମସ୍ତ ବ୍ଲକ ଅଧିକାରୀମାନଙ୍କୁ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।